ଏଭଳି ଯୋଜନା କରିଥିଲେ। କିନ୍ତୁ ପୁଲିସ ସୀମା ପାର ହେବା ପୂର୍ବରୁ ଧରିଥିଲା। ଏସଡିପିଓ ପ୍ରତୀକ ଗୀତା ସିଂ କହିଥିଲେ ଯେ ଦୀର୍ଘ ଦିନ ଧରି ମାଫିଆ ଲଗାତାର ଗଂଜେଇ ଚାଲାଣ କରୁଥିବା

ଖବର ପାଇ ଆଜି ଚଢାଉ କରାଯାଇ ସଫଳ ହୋଇଥିଲା ପୁଲିସ। ଆଗାମୀ ଦିନରେ ମଧ୍ୟ ମାଲକାନଗିରିରୁ ଗଂଜେଇ ଚାଲାଣକୁ ମୂଳପାଟନ କରାଯିବ ବୋଲି ସେ କହିଥିଲେ।

ନେଇ ବୁହାଯାଇଥିଲା। ସେହିପରି ଗର୍ଭବତୀଙ୍କୁ ମେଡିକାଲ ନେ... ପାଇଁ ଯଦି ୧୦୨ କିମ୍ବା ୧୦...

# ତ୍ୱରିତ ନ୍ୟାୟ ପାଇଁ ଜନଜାତି ଆୟୋଗଙ୍କ ନିର୍ଦ୍ଦେଶ

କୋରାପୁଟ ଜିଲ୍ଲାପାଳ ଅନୁପମ ସାହା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ମନୋରଂଜନ ନାୟକଙ୍କ ସମେତ ଜେଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ଆଇନଜୀବୀଙ୍କୁ ମଧ୍ୟ ଜେଲ୍‌କୁ ଡକାଇ ଆଲୋଚନା କରାଯାଇଥିଲା। ସମୀକ୍ଷାରୁ ଜଣାପଡିଥିଲା ଯେ, ଆଦିବାସୀ ଲୋକ ଘନ ବିଶୋଇଙ୍କୁ ପାଖାପାଖି ବର୍ଷେ ହେଲା ଜାମିନ୍ ମିଳିଥିଲେ ମଧ୍ୟ ସେ ଜେଲରୁ ବାହାରି ପାରୁ ନାହାନ୍ତି। ଅଦାଲତଙ୍କ ସର୍ତ୍ତ ଅନୁସାରେ ଜାମିନ୍‌ଦାର ନ ଥିବାରୁ ସେ ଜେଲ ବାହାର ଦୁନିଆ ଦେଖି ପାରୁ ନାହାନ୍ତି। ଆଉ କିଛି ଆଦିବାସୀ ଜାମିନ ପାଇଁ ଆବେଦନ ମଧ୍ୟ କରି ପାରୁ ନାହାନ୍ତି। ଏହି ଆଦିବାସୀ ବନ୍ଦୀମାନଙ୍କର ବିଭିନ୍ନ ଅସୁବିଧା ଆଇନଗତ ସମସ୍ୟାକୁ ପଚାରି ବୁଝିଥିଲେ ଯୁଗ୍ମ ସଚିବ। ପରେ ସେ କହିଥିଲେ ଯେ, ଜଣେ ବିଚାରାଧୀନ ବନ୍ଦୀଙ୍କୁ ଦୀର୍ଘ ମାସ ହେଲା ଜାମିନ ମିଳିଥିଲେ ମଧ୍ୟ ସେ ସର୍ତ୍ତ ପୂରଣ କରି ପାରୁ ନ ଥିବାରୁ ମୁକୁଳି ପାରି ନାହାନ୍ତି। ଆଉ ଜଣଙ୍କର ଜାମିନ୍ ଆବେଦନ କରାଯାଇ ପାରିନାହିଁ। ଏମିତି ବହୁ ଆଦିବାସୀ ରହିଥିବାରୁ ସେମାନଙ୍କ ମାମଲାରୁ ସମୀକ୍ଷା କରାଯାଇଥିଲା। ତେଣୁ ଜିଲ୍ଲାପାଳଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। କୋରାପୁଟ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ଉପଯୁକ୍ତ ନ୍ୟାୟ ପାଇବାରୁ ଯେମିତି ବଂଚିତ ନ ହେବେ ସେ ଦିଗରେ ନଜର ରଖିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଏହା ପୂର୍ବରୁ ଯୁଗ୍ମ ସଚିବ ଏସ.କେ. ରଥ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଭିନ୍ନ ବିଭାଗର ଆଦିବାସୀ ସଂପର୍କିତ କାମଗୁଡିକର ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଫାଇଦା ଆଦିବାସୀଙ୍କ ପାଖରେ ପହଞ୍ଚୁଛି କି ନାହିଁ ସେଥିନେଇ ଆଲୋଚନା କରାଯାଇଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍‌ରୁ ଯେମିତି ଆଦିବାସୀମାନେ ବାଦ୍ ନ ପଡନ୍ତି ସେ ଦିଗରେ ପଦକ୍ଷେପ ନେବାକୁ ସେ କହିଥିଲେ। ଜଙ୍ଗଲ ଅଧିକାର ଆଇନ୍‌ର ସୁଫଳ ଆଦିବାସୀଙ୍କ ପାଖରେ ପହଞ୍ଚାଇବା, ଆଦିବାସୀ



ବଢାଇବା, ଡ୍ରପ ଆଉଟ୍ ସଂଖ୍ୟା କମାଇବା ସେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଜିଲ୍ଲା... ସମେତ ପିଡି ଡିଆରଡିଏ ଦେବେନ କୁମା... ଉପ ଜିଲ୍ଲାପାଳ କୃତ୍ତିବାସ ରାଉତ, ଜୟ...

## କୋରାପୁଟରେ କେନ୍ଦ୍ର ଆଦିବାସୀ ମଙ୍ଗଳ ବିଭାଗର ଯୁଗ୍ମ ସଚିବ

# ଆଦିବାସୀଙ୍କ ସମସ୍ୟା ତୁରନ୍ତ ସମାଧାନ ଲାଗି ନିର୍ଦ୍ଦେଶ



କୋରାପୁଟ, ୧୦।୮ (ନି.ପ୍ର): କେନ୍ଦ୍ର ଆଦିବାସୀ ମଙ୍ଗଳ ବିଭାଗର ଯୁଗ୍ମ ସଚିବ କୋରାପୁଟ ଜିଲା ଗସ୍ତରେ ଆସିଛନ୍ତି । ଏହି ଗସ୍ତ ସମୟରେ ସେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ସମୀକ୍ଷା ବୈଠକ କରାଇ ସେଠାରେ ସମସ୍ୟାକୁ ସମାଧାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

କୋରାପୁଟ ଜିଲାରେ ଥିବା ଆଦିବାସୀମାନଙ୍କର ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲାପ୍ରଶାସନ ପକ୍ଷରୁ ସମାଧାନ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ଜଙ୍ଗଲ ଜମି ପଟା, ରେସନ କାର୍ଡ, ଜାତିଗତ ମାମଲା ଓ ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ମାମଲାଗୁଡ଼ିକ ତୁରନ୍ତ ସମାଧାନ କରିବା ପାଇଁ ଗୁରୁବାର ସମୀକ୍ଷା ବୈଠକରେ କେନ୍ଦ୍ର ଆଦିବାସୀ ମଙ୍ଗଳ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ କେନ୍ଦ୍ର ଆଦିବାସୀ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଶିଶିର କୁମାର ରଥ ଯୋଗଦାନ କରି ଜିଲାରେ ଆଦିବାସୀମାନଙ୍କ ଉନ୍ନତି ପାଇଁ କି କାର୍ଯ୍ୟ କରାଯାଇଛି ସେ ସମ୍ପର୍କରେ ସମୀକ୍ଷା କରିଥିଲେ । ବିଶେଷ କରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ଆଦିବାସୀମାନଙ୍କ ଜମି ଜମା ମାମଲା, ଜାତିଗତ ମାମଲା ଓ ରେସନକାର୍ଡ ଠିକ୍ ଭାବରେ ପ୍ରଦାନ ହୋଇଛି କି ନାହିଁ, କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ଆଦିବାସୀଙ୍କର ତୁରନ୍ତ ବିଚାର କରାଯିବା ଆଦି ଉପରେ ଆଲୋଚନା କରିଥିଲେ । ୨୦୦୫ ଡିସେମ୍ବର ୧୩ ତାରିଖ ପୂର୍ବରୁ ଜଙ୍ଗଲ ଜମିରେ ଯେଉଁ ଆଦିବାସୀମାନେ ରହିଛନ୍ତି କୌଣସି କାରଣରୁ ଯଦି ସେମାନେ ଏହି ପଟ୍ଟା ପାଇବା ପାଇଁ ଆବେଦନ କରିନାହାନ୍ତି ସେମାନଙ୍କୁ ପଟ୍ଟା ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ । ବିଭିନ୍ନ ମାମଲାରେ ଜଡିତ ଥିବା କଏଦୀମାନଙ୍କର ବିଚାରଣା ତୁରନ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ଏବଂ ଯେଉଁମାନେ ନିଜସ୍ୱ ଓକିଲ ନିଯୁକ୍ତି କରିପାରୁନାହାନ୍ତି ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଓକିଲ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାରେ ୧୪୮ଟି ଆଟ୍ରସିଟ ମାମଲା ରହିଥିବା ବେଳେ ୨୦୧୬-୧୭ ବର୍ଷ ୯ଟି ଆଦିବାସୀ ଆଟ୍ରସିଟ ଓ ୫ଟି ହରିଜନ ମାମଲା ରହିଥିବାବେଳେ ୨୦୧୭-୧୮ ୫ଟି ଆଦିବାସୀ ମାମଲା ରହିଥିବା ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ମାମଲାକୁ ବିଚାର କରି ୫୦ ପ୍ରତିଶତ ଅର୍ଥ ପ୍ରଦାନ କରାଯାଇଥିବା ଜାଣିବାକୁ ପାଇଥିଲେ । ଅନ୍ୟପକ୍ଷରେ ଜିଲାରେ ରାସନକାର୍ଡ ପାଇବାକୁ ଥିବା ହିତାଧିକାରୀଙ୍କୁ ତୁରନ୍ତ ତଦନ୍ତ କରାଯାଇ ସେମାନଙ୍କୁ କାର୍ଡ ପ୍ରଦାନ କରିବା ପାଇଁ ସଚିବ ପରାମର୍ଶ ଦେଇଛନ୍ତି । ୧୯୫୬ ଧାରା ଅନୁଯାୟୀ ଆଦିବାସୀଙ୍କ ଜମିଜମା ମାମଲାକୁ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ସେନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲାପାଳ ଅନୁପ କୁମାର ସାହା, ଏଡିଏମ୍ ତଥା ପିଡିଡିଆରଡିଏ ଦେବେନ ପ୍ରଧାନ, ଜିଲା ଆରକ୍ଷୀ ଅଧିକ୍ଷକ ଡ.କେ.ବି.ସିଂ, କୋରାପୁଟ ବନଖଣ୍ଡ ଅଧିକାରୀ ପି.ଅର୍ଯ୍ଜୁନାରୀ, ଜୟପୁର ବନଖଣ୍ଡ ଅଧିକାରୀ ଅଶ୍ୱିନୀ କୁମାର ମିଶ୍ର, ଉପଜିଲାପାଳ ଚକ୍ରବର୍ତ୍ତୀ ରାଠୋର, କୋରାପୁଟ ଉପଜିଲାପାଳ କୃତିବାସ ରାଉତ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସଂଜୟ କୁମାର ନନ୍ଦ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ମନୋରଂଜନ ନାୟକ, ଜୟପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ, ଜିଲା ମଙ୍ଗଳ ଅଧିକାରୀ ଜଗନ୍ନାଥ ସୋରେନ, ମଣ୍ଡଳ କାରା ଅଧିକ୍ଷକ ପୁଳିନ ବିହାରୀ ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ବଲ୍ଲଭଚରଣ ଦାଶଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହିଥିବାବେଳେ ସଚିବ ଶ୍ରୀ ରଥ, ପରେ ମଣ୍ଡଳ କାରାଗାର ପରିଦର୍ଶନ ଆଦିବାସୀ ଅନ୍ତେବାସୀଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏବଂ ପରେ କୋରାପୁଟ ବ୍ଲକରେ ମାଛାଠାରେ ଥିବା ଆଦର୍ଶ ବିଦ୍ୟାଳୟ ପ୍ରଦର୍ଶନ କରି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିବା ଜଣାପଡିଛି ।